# Akashvani, Sambalpur

## SAMBALPURI NEWS EVENING BULLETIN

## 28 January 2025- 7.02 pm- 7.12 pm.

*********************************************

୧- ଶିଳ୍ପର୍ ବିକାଶ୍ ଲାଗି ଓଡ଼ିଶା ନ ଭର୍‌ପୁର୍ ସମ୍ଭାବନା ରହିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌କେ ଉଦ୍‌ଘାଟନ୍ କରିକରି ପୁଞ୍ଜିନିବେଶ୍ ଲାଗି ଦେଲେ ଆହ୍ବାନ୍ ।

୨- ସାଢ଼େ ୪ ହଜାର୍ କୋଟି ଟଙ୍କାର୍ ୫୪ ଟା ବୁଝାମଣାପତ୍ର ହେଲା ସ୍ୱାକ୍ଷରିତ୍- ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ଡେରାଡୁନ୍ ଠାନେ ଜାତୀୟ କ୍ରୀଡ଼ା ଉତ୍ସବ୍‌କେ ଉଦ୍‌ଘାଟନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ନାଇଁ ପାଇଥିବା ହିତାଧିକାରୀ ବେଙ୍କ୍ ନ ଆଏବା ୨ ଦିନେ କରିପାର୍‌ବେ ସମସ୍ୟାର୍ ସମାଧାନ୍ - ସୂଚ୍‌ନା ଦେଲେ ଉପମୁଖ୍ୟମନ୍ତ୍ରୀ ।

ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା   ଭୁବ୍‌ନେଶ୍ୱର୍
ସମ୍ବାଦଦାତା/ଆର୍‌ଏନ୍‌ୟୁ କଟକ୍/ ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶାନ ଶିଳ୍ପର୍ ବିକାଶ ଲାଗି ଭର୍‌ପୁର ସମ୍ଭାବନା ରହିଛେ ଆର୍  ନିବେଶକ୍ ଆଉ ଶିଳ୍ପପତିମାନକୁ ଓଡ଼ିଶା ସଫଳତାର୍ ଶିଖର୍‌ଥି ପୁହୁଁଚାବା ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ଭୁବନେଶ୍ୱର ଜନତା ମଇଦାନଠାନେ ଆଏଜ୍ ସଖାଲ୍‌ବେଲା ଦୁଇଦିନିଆ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫କେ ଉଦ୍‌ଘାଟନ୍ କରିକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ଖୁବ୍ ଜଲ୍‌ଦି ଓଡ଼ିଶା ବିକାଶ୍‌ର ଉଚ୍ଚାକେ ପୁହୁଁଚିବା । ଓଡ଼ିଶା ହେଉଛେ ନୂଆ ଆକାଂକ୍ଷା, ସୁଯୋଗ୍ ଆର୍ ଆଶାବାଦ୍‌ର ମାଏଟ୍ । ସେ କହିଛନ୍, ଦେଶର୍ ପ୍ରଧାନମନ୍ତ୍ରୀ ହେବାର୍‌ଦିନୁ ସେ ୩୦ ଥର୍ ଓଡ଼ିଶା ଆସିଛନ୍ । ସେ ସବୁବେଳେ ଓଡ଼ିଶାକେ ପ୍ରାଧାନ୍ୟ ଦେଇ ଆସିଛନ୍ ଆର୍ ଭାରତ୍‌କେ ୩ ନମ୍ବର୍ ବଡ଼ ଅର୍ଥନୀତି କରି ଗଢ଼ବାର୍‌ଥି ଓଡ଼ିଶାର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଓଡ଼ିଶାବାସୀଙ୍କର ଦକ୍ଷତା ଉପ୍‌ରେ ତାଙ୍କର୍ ବହୁତ୍ ବିଶ୍ୱାସ୍ ରହିଛେ । ଦେଶ୍‌କେ ଶ୍ରେଷ୍ଠ ଆର୍ ଦ୍ରୁତ ଗତିଶୀଳ ରାଷ୍ଟ୍ର କରି ଗଢ଼ବାର୍ ସାମର୍ଥ୍ୟ ଓଡ଼ିଶା ପାଶେ ରହିଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ ତାଙ୍କର୍ ଟିମ୍

ଓଡ଼ିଶାକେ ଭିନ୍ ଭିନ୍ କ୍ଷେତ୍ରଥି ଆଗ୍‌କେ ନେବାର୍ ଲାଗି ମୁଲ୍ କରିଥିବା ଉଦ୍ୟମ୍‌କେ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ ।

(ଭଏସ୍ ଓଭର୍-୧- ପ୍ରଧାନମନ୍ତ୍ରୀ)

ଓଡ଼ିଶା ନ ନିବେଶକ ଆଉ ଶିଳ୍ପପତିମାନକୁ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍, ଯୁଆନ୍‌ମାନକର୍ ତର୍‌ଫୁ ଷ୍ଟାର୍ଟଅପ୍, ଗବେଷଣା ଆଉ ନବସୃଜନ କାମ୍‌କେ ସମର୍ଥନ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେବାର୍ ସହେତେ ଇସବୁ କ୍ଷେତ୍ରଥି ସରକାର ସବୁ ସାହାଜ୍ ଯୁଗେଇଦେବେ ବଲି କହିଛନ୍ ।

ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଗେଲେରୀ ଆଉ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ଉତ୍କର୍ଷ ଓଡ଼ିଶା-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ମିଲନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ କହିଛନ୍, ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ୍ ଜରିଏ ସବୁ ପ୍ରକାର୍ ପ୍ରତିବନ୍ଧକ୍ ଦୂର୍ କରାଯାଇପାରିଛେ । ପ୍ରଧାନମନ୍ତ୍ରୀ ଭାରତ୍‌କେ ୩ ନମ୍ବର ଅର୍ଥନୀତିର ଦେଶ୍ କର୍‌ବାର୍‌କେ ଚାହୁଁଥିବାର୍‌ନୁ ରାଜ୍ୟ ସର୍‌କାର ଭିଲ୍ ଇ ଉଦ୍ୟମ୍‌ଥି ସାମିଲ ହେବେ । ସେଥିର୍‌ଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟକେ ପୁଞ୍ଜିନିବେଶ ଲାଗି ଶିଳ୍ପପତିମାନଙ୍କୁ ନିଉତା ଦେଇଛନ୍ ।

(ଭଏସ୍ ଓଭର୍-୨-ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ)

ଉଦ୍‌ଘାଟନୀ ଉତ୍ସବ୍‌ଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ଦୁହି ଉପମୁଖ୍ୟମନ୍ତ୍ରୀ, ବହୁତ୍‌ଟେ ସିଆନ୍ ସୁଜନ୍ ଉପସ୍ଥିତ୍ ଥିଲେ । ଭାରତ୍ ଆର୍ ୧୨ ଟା ଦେଶର୍ ରାଷ୍ଟ୍ରଦୂତ, ନିବେଶକ୍ ଆର୍ ଶିଳ୍ପପତିମାନ୍‌କର୍ ସହେତେ ପାଖାପାଖି ୭ ହଜାର୍ ପ୍ରତିନିଧି ସମ୍ମିଳନୀଥି ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ସିଇଓ ଗୋଲ୍‌ଟେବୁଲ୍ ବୈଠକ୍ /ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଅବ୍‌ସରେ ଆଏଜ୍ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ମୋହନ୍ ମାଝୀ ଭିନ୍ ଭିନ୍ କମ୍ପାନୀର୍ ସିଇଓ ମାନ୍‌କର୍ ସାଙ୍ଗେ ରାଉଣ୍ଡ ଟେବୁଲ୍ ବୈଠକ୍ କରିଛନ୍ । ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍, ଆଏଜ୍ ବେଲ୍‌ବୁଡ଼ାତକ୍ ଭିନ୍ ଭିନ୍ କମ୍ପାନୀ ସାଙ୍ଗେ ପାଖାପାଖି ସାଢ଼େ ୪ ହଜାର୍ କୋଟି ଟଙ୍କାର୍ ୫୪ ଟା ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇସାଏଲାନ, ଆଏବାକାଏଲ୍ ଆହୁରି ୭୦ ହଜାର୍ କୋଟି ଟଙ୍କାର୍ ଚୁକ୍ତିନାମା ସ୍ୱାକ୍ଷରିତ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଚୁକ୍ତିଭିତ୍‌ରେ କେନ୍ଦୁଝର୍ ନ ୫ ନିୟୁତ ଟନ୍‌ର ଗୁଟେ ଇସ୍ପାତ୍

କାର୍‌ଖାନା, ରାଏଜେ ଥିବା ସବୁ ସିମେଂଟ୍ ଆର୍ ଇସ୍ପାତ୍ କାର୍‌ଖାନା ମାନ୍‌କର୍ ସମ୍ପ୍ରସାରଣ୍, କପର୍ ଫଏଲ୍ କାର୍‌ଖାନା ଥାପ୍‌ନା ବାଗିର୍ ପ୍ରକଳ୍ପ ରହିଛେ ।

ଦୁଇଦିନିଆ ସମ୍ମିଳନୀଥି ୫ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ପୁଞ୍ଜି ନିବେଶ୍ ହେବା ଆର୍ ୩ ଲାଖ୍ ୫୦ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି କରାଯାଇପାର୍‌ବା ବଲି ରାଜ୍ୟ ସର୍‌କାର୍ ଆଶ୍ ରଖିଛନ୍ ।

ଏସ୍.ଟି.ପି.ଆଇ. କେନ୍ଦ୍ର ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଯାଜ୍‌ପୁର୍ ଜିଲ୍ଲା ତେନ୍ତୁଲିଖୁଂଟା ଠାନେ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ- ଏସ୍.ଟି.ପି.ଆଇ. କେନ୍ଦ୍ର ଉଦ୍‌ଘାଟିତ୍ ହେଇଛେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ଉକର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ ସମ୍ମିଳନୀଥି ଆଏଜ୍ ଯୋଗ୍ ଦେଇକରି  ଆଭାସୀ ଜରିଏ ଇ କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍ ସର୍‌କାର୍‌ଙ୍କର୍ ଇଲେକ୍ଟ୍ରୋନିକ୍ସ ଆର୍ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ଗୁଟେ ପ୍ରମୁଖ ବିଜ୍ଞାନ୍ ଆର୍ ପଯୁକ୍ତିବିଦ୍ୟା

ସଂସ୍ଥା ଯାଜ୍‌ପୁର୍ ଠାନେ ଆଇଟି ଶିଳ୍ପର୍ ଆବଶ୍ୟକତା ପୂରଣ୍ କର୍‌ବାର୍ ଆର୍ ରାଜ୍ୟନୁ ଉଭାବନ ଭିତିକ ଉଦ୍ୟୋଗ ଆର୍ ଆଇଟି ସାମଗ୍ରୀକେ ତହଁକାବାର୍ ଲାଗି ଇ କେନ୍ଦ୍ରର ଥାପ୍‌ନା କରାଯାଇଛେ ।

ଜାତୀୟ କ୍ରୀଡ଼ା ଉତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତରାଖଣ୍ଡର ଡେରାଡୁନ୍‌ର ମହାରାଣା ପ୍ରତାପ୍ କ୍ରୀଡ଼ା ମହାବିଦ୍ୟାଳୟ ଠାନେ ଆଏଜ୍ ୩୮ ନମ୍ବର୍ ଜାତୀୟ କ୍ରୀଡ଼ା ଉତ୍ସବକେ ଉଦ୍‌ଘାଟନ୍ କରିଛନ୍ । ଫେବୃଆରୀ ୧୪ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଜାତୀୟ କ୍ରୀଡ଼ା ଉତ୍ସବ୍‌ଥି ୩୫ ଟା ବର୍ଗଥି ଦେଶର୍ ୧୦ ହଜାର୍ ଖେଲାଲି ଭାଗ୍ ନେଉଛନ୍ । ଦୂରଦର୍ଶନ୍ ନ୍ୟୁଜ୍ ଚେନାଲ୍‌ଥି ଜାତୀୟ କ୍ରୀଡ଼ାର୍ ସିଧା ପ୍ରସାରଣ୍ କରାଯାଉଛେ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକୃତ ହେଇକରି ସାହାଜ୍ ଟଙ୍କା ନାଇଁ ପାଇଥିବା ହିତାଧିକାରୀମାନେ ଆଏବା କାଏଲ୍ ଆର୍

ପର୍‌ଦିନ  ବେଙ୍କ୍‌ମାନ୍‌କୁ ଯାଇକରି ସମସ୍ୟାର୍ ସମାଧାନ୍ କରିପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଏନ୍‌ପିସିଆଇ ଫେଲ୍ ହେଇଥିବାର୍‌ନୁ ଯୋଜ୍‌ନାଥି ଯୋଗ୍ୟ ହିତାଧିକାରୀମାନେ ଭିଲ୍ ସାହାଜ୍ ନାଇଁ ପାଇପାରି । ଯେନ୍ ଆବେଦନ୍‌କାରୀମାନ୍‌କର୍ ପାଖ୍‌କେ ଫୋନ୍ କଲ୍ କି ମେସେଜ୍ ଆସିଛେ ସେମାନେ ୨୯ ଆର୍ ୩୦ ତାରିଖ୍ ଦିନ ବେଙ୍କ୍‌ମାନ୍‌କେ ଯାଇକରି ଏନ୍‌ପିସିଆଇ ସମସ୍ୟା ଦୂର୍ କରିପାର୍‌ବେ । ଇ ଦୁହି ଦିନ ବେଙ୍କ୍ ତର୍‌ଫୁ ସୁଭଦ୍ରା ହିତାଧିକାରୀମାନ୍‌କୁ ଖାସ୍ ଧିଆନ୍ ଦିଆଯିବା । ସମସ୍ୟାର୍ ସମାଧାନ୍ ହେଇଗଲେ ହିତାଧିକାରୀମାନେ ସୁଭଦ୍ରା ସାହାଜ୍ ଟଙ୍କା ଜଲ୍‌ଦି ପାଇପାର୍‌ବେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

କଟକ୍ କେନ୍ଦ୍ର ପ୍ରତିଷ୍ଠା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶବାଣୀ କଟକ୍ କେନ୍ଦ୍ର ଆଏଜ୍ ତାର୍ ୭୮ ତମ ପ୍ରତିଷ୍ଠା ଦିବସ୍ ପାଲନ୍ କରୁଛେ । ୧୯୪୮ ମସିହା ଆଝିର୍ ଦିନେ କଟକ୍ ନ ଆକାଶ୍‌ବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଭିନ୍

ଭିନ୍ ବର୍ଗର ଶ୍ରୋତାଙ୍କର୍ ଲାଗି ଭିନ୍ ଭିନ୍ ସ୍ୱାଦର କାର୍ଯ୍ୟକ୍ରମ୍ ପରିବେଷଣ୍ କରିକରି କଟକ୍ କେନ୍ଦ୍ର ଆଏଜ୍ ଗୁଟେ ପୂର୍ଣ୍ଣାଙ୍ଗ ଅନୁଷ୍ଠାନ୍ ହେଇକରି ଶ୍ରୋତାମାନ୍କର୍ ପ୍ରିୟଭାଜନ୍ ହେଇପାରିଛେ । ଏଛେନ୍ ଆକାଶ୍‌ବାଣୀ କଟକ୍ କେନ୍ଦ୍ରର କାର୍ଯ୍ୟକ୍ରମ୍‌ମାନ୍ ମୋବାଇଲ୍ ଆପ୍‌ଥି ମିଲିପାରୁଛେ । ଯେନ୍‌ଟାକି ଦେଶ୍ ବିଦେଶ୍‌ର ଶ୍ରୋତାମାନେ ଭିଲ୍ ଶୁନିପାରୁଛନ୍ ।

ହେନ୍ତା ଆଏଜ୍ ଭିଲ୍ ଓଡ଼ିଆ ଭାଷାଥି ଜାତୀୟ ସମ୍ବାଦ୍ ପ୍ରସାରଣ୍‌ର ପ୍ରତିଷ୍ଠା ଦିବସ୍ ଆଏ । ଆଝିର୍ ଦିନେ ନୂଆଦିଲ୍ଲୀ ନ ପହେଲା ଓଡ଼ିଆ ବୁଲେଟିନ୍ ପ୍ରସାରିତ୍ ହେଇଥିଲା ।

ଡାଟା ଗୋପନୀୟତା ଦିବସ୍ ଆର୍‌ଏନ୍‌ୟୁ/

ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆର୍ ଗୋପନୀୟତା ରକ୍ଷା କର୍‌ବାର୍ ଅଭ୍ୟାସ୍‌କେ ତହଁକାବାର୍ ଲାଗି ଫି’ ବଛର୍ ଆଝିରର୍ ଦିନ୍‌କେ ଡାଟା ଗୋପନୀୟତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଜରିଏ ବ୍ୟକ୍ତିଗତ ତଥ୍ୟର୍ ଗୋପନୀୟତା ଲାଗି ପ୍ରଯୁକ୍ତିବିଦ୍ୟା ଉପକରଣ୍ ମାନ୍କର୍ ବିକାଶ୍‌କେ ତହଁକେଇକରି ପରିଚୟ ସୂଚନା ବେଭାର୍ କର୍‌ବାର୍ ଲାଗି ଗୁରୁତ୍ୱ ଦିଆଯାଉଛେ ।

ଗୋପନୀୟତା ନିୟମ୍ ଆର୍ ନିୟମାବଳୀ ପାଳନ୍ କର୍‌ବାର୍ ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ ।

ଦଶ୍‌ପଲ୍ଲା- ରଥ୍‌କାଠ ଆର୍‌ଏନ୍‌ୟୁ/ କଟକ୍

ପୁରୀର୍ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ଲାଗି ନୟାଗଡ଼୍ ଜିଲ୍ଲା ମହାବୀର୍ କ୍ଷେତ୍ର ଦଶ୍‌ପଲ୍ଲା ଠାନୁ ରଥ କାଠ ପଠାଯାଇଛେ । ପହେଲା ଖେପେ ୩ ଟା ଟ୍ରକ୍‌ଥି  ଶହେ ୧ ଖଁଡ଼୍ ଅସନ ଆର୍ ଧଉରା କାଠ୍ ପୁରୀ ପଠାଯାଇଛେ । ପରମ୍ପରା ଅନ୍‌ସାରେ ରଥକାଠ ବୁଝେଇ ଟ୍ରକ୍‌ମାନ୍‌କୁ ଦଶପଲ୍ଲା ମହାବୀର୍ ମନ୍ଦିର୍ ଆର୍ ନୟାଗଡ଼୍ ଜଗନ୍ନାଥ୍ ମନ୍ଦିର୍ ଠାନେ ପୂଜା କରାଯିବାର୍ ଉତ୍‌ରୁ ଶ୍ରୀକ୍ଷେତ୍ର ପଠାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ରଥ୍‌ଯାତ୍ରା ଲାଗି ମୋଟ୍ ୮ ଶହ ୬୫ ଖଁଡ଼୍ ଅସନ, ଧଉରା, ସେମେଲ୍ ଆର୍ ଫାଶି କାଠ୍ ଦରକାର୍ ରହିଛେ ।

ପୌଷ୍ୟ ସନ୍ତାନ ଗ୍ରହଣ୍ ଆଇନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ପୌଷ୍ୟ ସନ୍ତାନ ଗ୍ରହଣ୍ ଆଇନ୍ ଉପ୍‌ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍

ହେଇଯାଇଛେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ଆର୍ ମହିଲା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ବେଆଇନ୍ ଭାବେ ପୁଷ୍ୟପୁତର୍ ଗ୍ରହଣ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି କହିଛନ୍ ।

ସଡ଼କ୍ ସୁରକ୍ଷା ମାସ       ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଆଂଚଲିକ୍ ପରିବହନ୍ ବିଭାଗ୍ ଆର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ସଡ଼କ୍ ସୁରକ୍ଷା ମାସ୍ ପାଲନ୍ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଜିଲ୍ଲା ଆଂଚଲିକ୍ ପରିବହନ୍ ଅଧିକାରୀ କେଶବ୍ ଚନ୍ଦ୍ର ନାଏକଙ୍କର୍ ନେତୃତ୍ୱଥି ଉପଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ସାମ୍ନାନୁ ବାହାରିଥିବା ସଚେତନତା ରଥ ଆର୍ ଛାତ୍ରଛାତ୍ରୀଙ୍କର୍ ଶୋଭାଯାତ୍ରାକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଥି ଛାତ୍ରଛାତ୍ରୀମାନେ ସ୍ଲୋଗାନ୍ ଜରିଏ ଦୁର୍ଘଟଣା କମାବାର୍, ହେଲ୍‌ମେଟ୍ ଆର୍ ସିଟ୍‌ବେଲ୍ଟ ବେଭାର୍ କର୍‌ବାର୍ ବିଷେଥି ଲୁକ୍‌କୁ ସଚେତନ୍ କରିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ରାଉରକେଲାର୍ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାନେ ଆଏଜ୍ ଟିମ୍ ଗୋନାସିକା ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ମେଚ୍ ହେବା । ଇ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ଶୁଖା ରହେବା । ତାର୍ ଉତ୍‌ରୁ ୨/୪ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ଆଏବା କାଏଲ୍ ସଖାଲ୍‌ତକ୍ ରାଜ୍ୟର୍ ୧୨ ଟା ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛେ ।